ବର୍ଷ-୩, ସଂଖ୍ୟା-୧୫

ମାର୍ଚ୍ଚ ୨୦୨୨

ଓଡ଼ିଶା-ମୋ ପରିବାର

ନ୍ୟୁଜ୍ ଲେଟର

ଭିତର ପୃଷ୍ଠାରେ...

- ଓଡ଼ିଆ ଯୁବକଙ୍କ ପାର୍ଥିବ ଶରୀର ବେଙ୍ଗାଲୁରୁରୁ ସାନଖେମୁଣ୍ଡିକୁ ଫେରାଇ ଆଣିଲା ଓଡ଼ିଶା-ମୋ ପରିବାର
- ଅଗ୍ନି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବୃଦ୍ଧାଙ୍କ ପାର୍ଥିବ ଶରୀରକୁ ଯାତାୟାତର ସହାୟତା

ପୃଷ୍ଠା-୨

- ପାର୍ଥିବ ଶରୀରକୁ ଶ୍ରୀକାକୁଲମ ରୁ ସାନଖେମୁଣ୍ଡି ଫେରାଇ ଆଣିଲା ଓଡ଼ିଶା-ମୋ ପରିବାର
- ଜାହ୍ନବୀର ମୃତ୍ୟୁରେ ଓଡ଼ିଶା-ମୋ ପରିବାରରେ ଶୋକାକୂଳ ପରିବେଶ

ପୃଷ୍ଠା-୩

- ଦୁଇ ଝିଅଙ୍କ ମୃତ୍ୟୁ ପରେ ସେମାନଙ୍କ ଚକ୍ଷୁଦାନ କରି ଗର୍ବିତ ହେଲେ ପିତାମାତା
- ଦୁର୍ଘଟଣାରେ ଗୁରୁତରଙ୍କୁ ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୪

- ରୋଗୀଙ୍କୁ ଯାତାୟାତର ସହାୟତା
- ଭିନ୍ନକ୍ଷମମାନଙ୍କୁ ଚିକିତ୍ସାରେ ସହାୟତା

ପୃଷ୍ଠା-୫

- ହେଲ୍ପଡେସ୍କ ସହାୟକଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୬

- ହେଲ୍ପଡେସ୍କ ମାଧ୍ୟମରେ ରୋଗୀମାନଙ୍କୁ କରାଯାଇଥିବା ସହାୟତାର ବିବରଣୀ
- ମାର୍ଚ୍ଚ ମାସର ଶ୍ରେଷ୍ଠ କର୍ମଚାରୀ

ପୃଷ୍ଠା-୯

- ନୀରବ ନାୟକ

ପୃଷ୍ଠା-୧୦

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ସହାୟତାରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୪

- ରକ୍ତପାଇଁ ଡାଏଲ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୫

ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀରେ ଅଙ୍ଗଦାନ ପଞ୍ଜୀକରଣ ଶିବିର

ସମଗ୍ର ବିଶ୍ୱରେ ବିପନ୍ନ ଓଡିଆଙ୍କୁ ସହାୟତା,ଅସହାୟ ରୋଗୀଙ୍କୁ ଉପଯୁକ୍ତ ସମୟରେ ରକ୍ତ ଯୋଗାଇବା,ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିରମାନ ଆୟୋଜନ କରି ରକ୍ତଭଣ୍ଡାର ଗୁଡିକରେ ଏକ ସିଂହଭାଗ ରକ୍ତ ଯୋଗାଇବା,ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଗୁଡିକରେ ହେଲ୍ପଡ଼େସ୍କମାନ ସ୍ଥାପନ କରି ରୋଗୀମାନଙ୍କୁ ଚିକିତ୍ସାରେ ସାହାଯ୍ୟ କରିବା ଭଳି ଅନେକ ସମାଜସେବା କାର୍ଯ୍ୟ, ଓଡ଼ିଶା ମୋ ପରିବାର ନିରନ୍ତର କରିଆସୁଛି ।

ସେହିପରି, ଓଡ଼ିଶା ମୋ ପରିବାର ସମାଜର ସୁସ୍ଥତା ଦିଗରେ ଆଉ ଗୋଟେ ପାଦ ଆଗକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିଥିଲା । ଭୁବନେଶ୍ୱରରେ ଚକ୍ଷୁ ପରୀକ୍ଷା ଶିବିର ଏବଂ କଟକର ଜଗତପୁରଠାରେ ଦନ୍ତ ପରୀକ୍ଷା ଶିବିର ଆୟୋଜନ କରିଥିଲା । ଆହୁରି ମଧ୍ୟ, ସମାଜସେବାର ଏକ ଅଂଶ ଭାବରେ ଓଡ଼ିଶା ମୋ ପରିବାର ମାର୍ଚ୍ଚ ମାସ ୫ତାରିଖ ଅର୍ଥାତ୍ ପ୍ରବାଦପୁରୁଷ ବିଜୁବାବୁଙ୍କ ଜନ୍ମଜୟନ୍ତୀରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଠାରେ ଅଙ୍ଗ ଦାନ ଶିବିର ଆୟୋଜନ କରିଥିଲା, ଯେଉଁଠାରେ ସମାଜର ସମସ୍ତ ବର୍ଗ ଓ ବିଭିନ୍ନ ବୃତ୍ତିରେ କାର୍ଯ୍ୟରତ ଥିବା ବ୍ୟକ୍ତିମାନେ ସେମାନଙ୍କର ଅଙ୍ଗ ଦାନ କରିବା ପାଇଁ ପଞ୍ଜିକରଣ କରିଥିଲେ ।

ଆଗାମୀ ଦିନରେ କିପରି ଅଙ୍ଗଦାନ ଶିବିରକୁ ସାରା ରାଜ୍ୟରେ ବ୍ୟାପକ କରାଯିବ, ସେଥିନିମନ୍ତେ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ମଧ୍ୟ ନିଆଯାଇଛି । ଗତ ମାର୍ଚ୍ଚ ମାସରେ ସର୍ବମୋଟ ୬୬୦ ଜଣ ବ୍ୟକ୍ତି ଭବିଷ୍ୟତରେ ଅଙ୍ଗଦାନ କରିବା ପାଇଁ ନିଜକୁ ପଞ୍ଜୀକୃତ କରିଛନ୍ତି ।

ଓଡ଼ିଆ ଯୁବକଙ୍କ ପାର୍ଥିବ ଶରୀର ବେଙ୍ଗାଲୁରୁରୁ ସାନଖେମୁଣ୍ଡିକୁ ଫେରାଇ ଆଣିଲା ଓଡ଼ିଶା-ମୋ ପରିବାର

ସାନଖେମୁଣ୍ଡିର ବାସିନ୍ଦା ବନମାଳୀ ପ୍ରଧାନ ବେଙ୍ଗାଲୁରୁରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଗତ ମାର୍ଚ୍ଚ ୩ ତାରିଖରେ ଏକ ଦୁର୍ଘଟଣାର ଶିକାର ହୋଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ କରିଥିଲେ ।

ଶୋକସନ୍ତପ୍ତ ପରିବାର ବର୍ଗ ଆର୍ଥିକ ସଙ୍କଟରେ ଥିବାରୁ ତାଙ୍କ ପୁଅର ପାର୍ଥିବ ଶରୀରକୁ ନିଜ ଗ୍ରାମକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା ଏବଂ ପାର୍ଥିବଶରୀରକୁ ବେଙ୍ଗାଲୁରୁରୁ ସାନଖେମୁଣ୍ଡି ଫେରାଇ ଆଣିବା ନିମନ୍ତେ ଯାତାୟାତ ସହାୟତା ଯୋଗାଇ ଦିଆଯାଇଥିଲା ।

ପାର୍ଥିବ ଶରୀର ସାନଖେମୁଣ୍ଡିରେ ପହଞ୍ଚିବା ପରେ ଓଡ଼ିଶା ମୋ ପରିବାର ସଦସ୍ୟମାନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ବାଙ୍ଗାଲୋରୁ ସାନଖେମୁଣ୍ଡିକୁ ପାର୍ଥିବ ଶରୀର ସ୍ଥାନାନ୍ତରିତ

ଅଗ୍ନି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବୃଦ୍ଧାଙ୍କ ପାର୍ଥିବ ଶରୀରକୁ ଯାତାୟାତର ସହାୟତା

କଟକ ବଡ଼ ମେଡ଼ିକାଲରୁ ଗଞ୍ଜାମକୁ ପାର୍ଥିବ ଶରୀର ସ୍ଥାନାନ୍ତରିତ

ଗଞ୍ଜାମ ଜିଲ୍ଲା ଗୋପାଳପୁରର ବାସିନ୍ଦା ୭୦ ବର୍ଷିୟା ବରିକା ଦାସ ଅଚାନକ ନିଆଁରେ ଗୁରୁତର ଭାବେ ପୋଡି ହୋଇ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ, ଗତ ମାର୍ଚ୍ଚ ୧୩ ତାରିଖରେ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ, ସନ୍ଦୀପ ରଥ ଓ ସନ୍ତୋଷ ଦାସ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଆଡମିଶନ ଏବଂ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ବରିକାଙ୍କ ଦେହାନ୍ତ ପରେ ପରିବାର ସଦସ୍ୟ ମୃତଦେହକୁ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ ।

ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର, ପାର୍ଥିବ ଶରୀରକୁ କଟକ ବଡ଼ ମେଡ଼ିକାଲରୁ ଗଞ୍ଜାମସ୍ଥିତ ଗୋପାଳପୁରକୁ ସ୍ଥାନାନ୍ତର କରିଥିଲା ।

ପାର୍ଥିବ ଶରୀରକୁ ଶ୍ରୀକାକୁଲମ ରୁ ସାନଖେମୁଣ୍ଡି ଫେରାଇ ଆଣିଲା ଓଡ଼ିଶା-ମୋ ପରିବାର

ଶ୍ରୀକାକୁଲମରୁ ସାନଖେମୁଣ୍ଡିକୁ ପାର୍ଥିବ ଶରୀର ସ୍ଥାନାନ୍ତରିତ

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଅଞ୍ଚଳର ୨୭ ବର୍ଷୀୟ ଯୁବକ ଜିତୁ ମହାନ୍ତି, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଗତ ମାର୍ଚ୍ଚ ୧୩ ତାରିଖରେ ସେ ଅସୁସ୍ଥତା ଅନୁଭବ କରିବାରୁ ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇଥିଲେ ।

ଦୁର୍ଭାଗ୍ୟବଶତଃ, ସେ ଗତ ୧୫ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ପରିବାର ସଦସ୍ୟ ଏଭଳି ଦୁଃଖଦ ପରିସ୍ଥିତିରେ ଭାଙ୍ଗି ପଡ଼ିଥିଲେ ଏବଂ ଜିତୁଙ୍କ ମୃତଶରୀର ତାଙ୍କ ଘରକୁ ଫେରାଇ ଆଣିବାକୁ ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ଶ୍ରୀମତୀ ନନ୍ଦିନୀ ଦେବୀଙ୍କୁ ଅନୁରୋଧ କରିଥିଲେ ।

ଶ୍ରୀମତୀ ନନ୍ଦିନୀ ଦେବୀଙ୍କ ଠାରୁ ଖବର ପାଇ ଓଡ଼ିଶା ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା ଏବଂ ଏକ ଆମ୍ବୁଲାନ୍ସ ଯୋଗେ ଜିତୁଙ୍କ ମୃତଶରୀରକୁ ଶ୍ରୀକାକୁଲମ୍ ରୁ ସାନଖେମୁଣ୍ଡି ଫେରାଇ ଅଣାଯାଇଥିଲା । ସାନଖେମୁଣ୍ଡିରେ ପାର୍ଥିବଶରୀର ପହଞ୍ଚିଲା ପରେ ଶ୍ରୀମତୀ ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ଜାହ୍ନବୀର ମୃତ୍ୟୁରେ ଓଡ଼ିଶା-ମୋ ପରିବାରରେ ଶୋକାକୂଳ ପରିବେଶ

ରାଉରକେଲା ସହରର ବାସିନ୍ଦା ତ୍ରିନାଥ ଓରାମଙ୍କର ୩ ବର୍ଷୀୟ ଝିଅ ଜାହ୍ନବୀ ଓରାମ ବାଲ୍ୟାବସ୍ଥାରୁ ବିରଳ ରୋଗରେ ପୀଡ଼ିତ ହୋଇ ଗତ ସେପ୍ଟେମ୍ବର ମାସରୁ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା । ଓଡ଼ିଶା ମୋ ପରିବାର ପକ୍ଷରୁ ଝିଅଟିର ଚିକିତ୍ସାରେ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଥିଲା । ଗତ ଫେବୃଆରୀ ମାସରେ ଜାହ୍ନବୀ ହସ୍ପିଟାଲରୁ ଡିଶ୍ଚାର୍ଜ ହେବା ପରେ ଘରକୁ ଫେରିବା ପାଇଁ ଓଡ଼ିଶା ମୋ ପରିବାର ଯାତାୟାତ ସହାୟତା ଯୋଗାଇ ଦେଇଥିଲା କିନ୍ତୁ ପୁନର୍ବାର ହଠାତ୍ ସେ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ର ସୁନା ହସ୍ପିଟାଲରେ ଉପସ୍ଥିତ ରହି ତାଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ଗତ ମାର୍ଚ୍ଚ ମାସ ୧୦ ତାରିଖରେ ଜାହ୍ନବୀ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଝିଅକୁ ବଞ୍ଚାଇବା ପାଇଁ ବାପା ମା' ଦୁହେଁ ଗତ ୬ ମାସ ଧରି ପ୍ରାଣପଣେ ଚେଷ୍ଟା କରୁଥିଲେ । ହଠାତ୍ ଝିଅର ମୃତ୍ୟୁ ଖବର ଶୁଣି ବାପା ମା' ଦୁହେଁ ଦୁଃଖରେ ଅବାକ୍ ହୋଇଯାଇଥିଲେ ଏବଂ ମୃତଦେହକୁ ରାଉରକେଲା ଫେରାଇ ନେବା ପାଇଁ ଓଡ଼ିଶା ମୋ ପରିବାରର ସାହାଯ୍ୟ ଲୋଡିଥିଲେ । ଓଡ଼ିଶା ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ପାର୍ଥିବ ଶରୀରକୁ ବୁର୍ଲାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା ।

ବୁର୍ଲା ମେଡ଼ିକାଲରୁ ରାଉରକେଲାକୁ ପାର୍ଥିବ ଶରୀର ସ୍ଥାନାନ୍ତରିତ

ଦୁଇ ଝିଅଙ୍କ ମୃତ୍ୟୁ ପରେ ସେମାନଙ୍କ ଚକ୍ଷୁଦାନ କରି ଗର୍ବିତ ହେଲେ ପିତାମାତା

ଆମମାନଙ୍କ ଜାଣିବାରେ ଅଙ୍ଗଦାନକୁ "ଜୀବନର ଉପହାର" ଭାବରେ ବିବେଚନା କରାଯାଏ, ଏହାକୁ ଯଥାର୍ଥରେ ପରିଣତ କରି ଦେଖାଇଛନ୍ତି ଭୁବନେଶ୍ୱରସ୍ଥିତ ଶାସ୍ତ୍ରୀନଗରର ବାସିନ୍ଦା ଏବଂ ଏକ ଗର୍ବିତ ପିତା ଶ୍ରୀ ସୁରେନ୍ଦ୍ର ସାହୁ, ଯିଏ କି, ତାଙ୍କ ଦୁଇଝିଅଙ୍କ ମୃତ୍ୟୁ ପରେ ସେମାନଙ୍କ ଚକ୍ଷୁ ଦାନ କରିଥିଲେ ।

ଶ୍ରୀ ସାହୁଙ୍କ ବଡ଼ଝିଅ ୨୪ ବର୍ଷୀୟା ଶୁଭଲକ୍ଷ୍ମୀ ସାହୁ ଏବଂ ସାନ ଝିଅ ୧୯ ବର୍ଷୀୟା ଭାଗ୍ୟଲକ୍ଷ୍ମୀ ସାହୁ ଅଜାଣତରେ ଦୂଷିତଖାଦ୍ୟ ଖାଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ସମୟରେ ପ୍ରାଣତ୍ୟାଗ କରିଥିଲେ ।

ଶୋକସନ୍ତପ୍ତ ପିତାମାତା ଦୁହେଁ ଝିଅମାନଙ୍କ ମୃତ୍ୟୁ ପରେ ତାଙ୍କ ଦୁଇ ଚକ୍ଷୁ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଠାରେ ପ୍ରତିରୋପଣ କରିବା ପାଇଁ ଅନୁମତି ଦେଇଥିଲେ । ତାଙ୍କ ମା'ଙ୍କ କଥାନୁସାରେ "ମୋ ଝିଅକୁ ତ ଆଉ ଦେଖିପାରିବିନି କିନ୍ତୁ ତା' ଆଖିରେ ଆଉ ଜଣେ ଦୁନିଆ ଦେଖୁ" । କେବଳ ଏତିକି ନୁହେଁ, ଉଭୟ ପିତାମାତା ଗତ ମାର୍ଚ୍ଚ ମାସ ୫ ତାରିଖ ଦିନ ଓଡ଼ିଶା ମୋ ପରିବାର ପକ୍ଷରୁ ଅନୁଷ୍ଠିତ ଅଙ୍ଗଦାନ ପଞ୍ଜିକରଣ ଶିବିରରେ ଯୋଗଦେଇ ନିଜ ନାମ ପଞ୍ଜୀକୃତ କରିଥିଲେ ଏବଂ ଏହି ଉତ୍ତମ କାର୍ଯ୍ୟରେ ଯୋଗଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ଦୁଇ ଝିଅ, ଶୁଭଲକ୍ଷ୍ମୀ ଏବଂ ଭାଗ୍ୟଲକ୍ଷ୍ମୀ ସାହୁ

ଦୁର୍ଘଟଣାରେ ଗୁରୁତରଙ୍କୁ ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ଗଞ୍ଜାମ ଜିଲ୍ଲାର ବାସିନ୍ଦା ୨୩ ବର୍ଷୀୟ ସୋନୁ ପ୍ରଧାନ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆଘାତ ପାଇଥିଲେ । ସେ ବ୍ରହ୍ମପୁରସ୍ଥିତ ଏମ.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ଉତ୍ତମ ଚିକିତ୍ସା ନିମନ୍ତେ ତୁରନ୍ତ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ପରିବାର ସଦସ୍ୟ ଆର୍ଥିକ ଚାପରେ ଥିବାରୁ ଯାତାୟାତ ସହାୟତା ଲୋଡିଥିଲେ।

ଏ ଘଟଣା, ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥୀଙ୍କ ନଜରକୁ ଆସିଲା ପରେ, ସେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିବାକୁ ସମସ୍ତ ବ୍ୟବସ୍ଥା କରିଥିଲେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ସମସ୍ତ ସଂଯୋଜନା କରିଥିଲେ ।

ରୋଗୀଙ୍କୁ ଏମ୍.କେ.ସି.ଜି.ରୁ ବିଶାଖାପାଟଣାକୁ ଯାତାୟାତର ସହାୟତା

ରୋଗୀଙ୍କୁ ଯାତାୟାତର ସହାୟତା

ଗଞ୍ଜାମ ଜିଲ୍ଲା ସୋରୋଡା ଅଞ୍ଚଳର ୪୦ ବର୍ଷିୟ ବସନ୍ତ କୁମାର ମହାରଣା ଆନ୍ଧ୍ରପ୍ରଦେଶଠାରେ ଏକ ଦୁର୍ଘଟଣାର ଶିକାର ହୋଇ ବିଶାଖାପାଟଣାସ୍ଥିତ କେୟାର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । କିଛିଦିନ ପରେ ସେ ଡିଶ୍ଚାର୍ଜ ହୋଇ ସୋରୋଡାସ୍ଥିତ ତାଙ୍କ ଗ୍ରାମକୁ ଚାଲି ଆସିଥିଲେ, କିନ୍ତୁ କିଛି ଅସୁବିଧା ହେବାରୁ ତାଙ୍କୁ ପୁଣିଥରେ ସେହି ହସ୍ପିଟାଲକୁ ଯିବାକୁ ପଡିଲା । ପରିବାର ସଦସ୍ୟ ଆର୍ଥିକ ଚାପରେ ଥିବାରୁ ନିରାଶ ହୋଇ ତାଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ସହାୟତା ଲୋଡୁଥିଲେ ।

ଏହି ଘଟଣା, ସୋରୋଡାର ସମାଜ ନ୍ୟୁଜ ପେପରର ବ୍ଲକ ପ୍ରତିନିଧି ଶ୍ରୀ ଲମ୍ବୋଧର ଅଧିକାରୀଙ୍କ ନଜରକୁ ଆସିଥିଲା ଏବଂ ସେ ସଙ୍ଗେସଙ୍ଗେ ଓଡ଼ିଶା ମୋ ପରିବାରକୁ ଜଣାଇଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ତୁରନ୍ତ ପଦକ୍ଷେପ ନେଇଥିଲା ।

ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲର ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥୀ ତାଙ୍କୁ ବିଶାଖାପାଟଣାସ୍ଥିତ କେୟାର ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ଯାତାୟାତ ସହାୟତା ଯୋଗାଇ ଦେଇଥିଲେ । ଉପଯୁକ୍ତ ସମୟରେ ସହାୟତାର ହାତ ବଢାଇଥିବାରୁ ଉଭୟ ଶ୍ରୀ ଅଧିକାରୀ ଓ ପରିବାର ବର୍ଗ ଓଡ଼ିଶା ମୋ ପରିବାରକୁ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ରୋଗୀଙ୍କୁ ଏମ୍.କେ.ସି.ଜି.ରୁ ବିଶାଖାପାଟଣାକୁ ଯାତାୟାତର ସହାୟତା

ଭିନ୍ନକ୍ଷମମାନଙ୍କୁ ଚିକିତ୍ସାରେ ସହାୟତା

୯ ବର୍ଷିୟ ଶିଶୁ ସୁଶୀଲ ନାୟକ ତାଙ୍କ ବାପା ମା'ଙ୍କ ସହିତ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଓ ଏକ ହ୍ୱିଲଚେୟାର ଯୋଗାଇ ଦେବାକୁ ଅନୁରୋଧ କରିବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ରୋଜାଲିନ ପଣ୍ଡା ତାଙ୍କୁ ଡ଼ି.ଡ଼ି.ଆର.ସି ରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରେ ସାହାଯ୍ୟ କରିବା ସହ ହ୍ୱିଲଚେୟାର ପାଇବା ପାଇଁ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

ରୋଜାଲିନ ଜଣେ ଭିନ୍ନକ୍ଷମ ପିଲାଟିକୁ ଚିକିତ୍ସାରେ ସହାୟତା କରୁଛନ୍ତି

ହିମାଂଶୁ ଜଣେ ଭିନ୍ନକ୍ଷମ ପିଲାଟିକୁ ଚିକିତ୍ସାରେ ସହାୟତା କରୁଛନ୍ତି

ଜଳେଶ୍ୱରର ବାସିନ୍ଦା ୧୯ ବର୍ଷିୟ ଶିବ ବଗର୍ତି ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ । ଶିବ ବାଲ୍ୟାବସ୍ଥାରୁ ବଧିର ଅଟନ୍ତି । ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ଆଗେଇ ଆସି ପିଲାଟିକୁ ଡ଼ି.ଡ଼ି.ଆର.ସି କେନ୍ଦ୍ରକୁ ନେଇଯାଇଥିଲେ । ହିମାଂଶୁ ତାଙ୍କୁ ଆବଶ୍ୟକୀୟ ସମସ୍ତ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ଶିବ, ଡ଼ି.ଡ଼ି.ଆର.ସି ରୁ ଏକ ଶ୍ରବଣ ଯନ୍ତ୍ର ପାଇଥିଲେ ।

ହେଲ୍ପଡେସ୍କ ସହଯୋଗୀ ଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ପ୍ରମୁଖ ସହାୟତା

୧. ବିରଳ ଶ୍ରେଣୀର ରକ୍ତ ଯୋଗାଡ଼



ବିକାଶ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ପ୍ରଦାନ କରୁଛନ୍ତି

ସୁବର୍ଣ୍ଣପୁରର ବାସିନ୍ଦା ୮୦ ବର୍ଷିୟ କନ୍ଦର୍ପ ପଣ୍ଡା, ଟ୍ୟୁମର୍ ରୋଗରେ ଚିହ୍ନଟ ହେଲାପରେ ଅସ୍ତ୍ରୋପଚାର ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କର ଅସ୍ତ୍ରୋପଚାର ନିମନ୍ତେ ବିରଳ **B-ve** ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହାକି ପରିବାର ସଦସ୍ୟମାନେ ଯୋଗାଡ଼ କରିବାରେ ଅସମର୍ଥ ଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିକାଶ ବେହେରା ଏ ସମ୍ପର୍କରେ ସୂଚନା ପାଇବା ପରେ ସଙ୍ଗେସଙ୍ଗେ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।

ସନ୍ଦୀପ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ପ୍ରଦାନ କରୁଛନ୍ତି

ଭଦ୍ରକର ବାସିନ୍ଦା ୩୮ ବର୍ଷିୟା ସାଲିମା ବିବି ଚିକିତ୍ସା ନିମନ୍ତେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଥିବା ବେଳେ ତାଙ୍କ ପାଇଁ ବିରଳ **O-ve** ରକ୍ତର ଜରୁରୀ ଆବଶ୍ୟକତା ପଡିଥିଲା । ଏହାପରେ ସାଲିମାଙ୍କ ପରିବାର ସଦସ୍ୟ ଓଡ଼ିଶା ମୋ ପରିବାରକୁ ରକ୍ତ ଯୋଗାଡ଼ କରିବା ପାଇଁ ଅନୁରୋଧ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ (କଟକ ବଡ଼ ମେଡ଼ିକାଲ) ସନ୍ଦୀପ ରଥ, ରୋଗୀଙ୍କ ପାଇଁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।

ବିକାଶ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ପ୍ରଦାନ କରୁଛନ୍ତି

ଜଗତସିଂହପୁରର ବାସିନ୍ଦା ୪୫ ବର୍ଷିୟା ମମତା ଦାସ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କର ଚିକିତ୍ସା ଚାଲିଥିବା ସମୟରେ ଏକ ୟୁନିଟ୍ ବିରଳ **B-ve** ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହାକି ତାଙ୍କ ପରିବାର ସଦସ୍ୟମାନେ ଯୋଗାଡ଼ କରିବାରେ ଅସମର୍ଥ ହୋଇଥିଲେ ।

କୌଣସି ପ୍ରକାରେ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିକାଶ ବେହେରାଙ୍କ ନଜରରେ ଏହି ବିଷୟ ଆସିବାରୁ ବିକାଶ ସଙ୍ଗେସଙ୍ଗେ ତାଙ୍କୁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।

ରଶ୍ମୀ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ପ୍ରଦାନ କରୁଛନ୍ତି

ବାଲେଶ୍ୱର ଜିଲ୍ଲାର ୬୫ ବର୍ଷିୟ ମଦନ ମୋହନ ପାତ୍ର ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କର ଚିକିତ୍ସା ଚାଲିଥିବା ସମୟରେ ଏକ ୟୁନିଟ୍ ବିରଳ **O-ve** ରକ୍ତର ଜରୁରୀ ଆବଶ୍ୟକତା ପଡ଼ିଥିଲା ।

ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ରଶ୍ମି ରଞ୍ଜନ ଏ ସମ୍ପର୍କରେ ସୂଚନା ପାଇବା ପରେ ସଙ୍ଗେସଙ୍ଗେ ତାଙ୍କୁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।

ଜଣେ ରୋଗୀଙ୍କ ସଂପର୍କୀୟ ରକ୍ତ ସଂଗ୍ରହ କରୁଛନ୍ତି

କୋରାପୁଟର ବାସିନ୍ଦା ୩୫ ବର୍ଷୀୟା ଅମ୍ବିକା କାଉଡିଆ ସ୍ତ୍ରୀ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ହୋଇ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ରୋଗୀକୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀର ଚିକିତ୍ସା ନିମନ୍ତେ ବିରଳ **AB+ve** ରକ୍ତର ଜରୁରୀ ଆବଶ୍ୟକତା ଥିଲା ଏବଂ ବୈକୁଣ୍ଠ ତାଙ୍କର ପରିବାର ସଦସ୍ୟଙ୍କୁ ଆବଶ୍ୟକୀୟ ରକ୍ତ ଯୋଗାଡ଼ କରି ଦେଇଥିଲେ ।

ବିଶ୍ୱ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ପ୍ରଦାନ କରୁଛନ୍ତି

ହଡଗୋଡିଆସାହିର ବାସିନ୍ଦା ୩୭ ବର୍ଷୀୟ ନିର୍ମଳ ପାତ୍ର ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱ, ରୋଗୀକୁ ଆଡମିଶନ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଓ ନିୟମିତ ରୋଗୀର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ । ବୈକୁଣ୍ଠ ରୋଗୀଙ୍କ ପାଇଁ ଆବଶ୍ୟକ ଥିବା ବିରଳ **O-ve** ରକ୍ତ ମଧ୍ୟ ଯୋଗାଡ଼ କରି ଦେଇଥିଲେ ।



ସମନାଥ ଜଣେ ରୋଗୀଙ୍କ ସହିତ

ମୟୂରଭଞ୍ଜର ବାସିନ୍ଦା ୧୩ ବର୍ଷୀୟା ଜ୍ଞାନସ୍ମିତା ମହାକୁଡ ବ୍ଲଡ଼ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ ସ୍ୱାଇଁ ହସ୍ପିଟାଲରେ ତାଙ୍କୁ ସମସ୍ତ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ଚିକିତ୍ସା ନିମନ୍ତେ ଆବଶ୍ୟକ ଥିବା ବିରଳ **AB+ve** ରକ୍ତ ମଧ୍ୟ ଯୋଗାଡ଼ କରି ଦେଇଥିଲେ ।



କଟକ ବଡ଼ ମେଡ଼ିକାଲରେ ଜଣେ ରୋଗୀଙ୍କ ସଂପର୍କୀୟଙ୍କୁ ରକ୍ତ ସଂଗ୍ରହ କରୁଛନ୍ତି

ଜଗତସିଂହପୁର, ତିର୍ତ୍ତୋଲ୍ ଅଞ୍ଚଳର ୪୭ ବର୍ଷୀୟା ଜ୍ୟୋସ୍ନାରାଣୀ ପରିଜା ରେକ୍ଟମ୍ କର୍କଟ ରୋଗରେ ପୀଡ଼ିତ ହୋଇ କଟକସ୍ଥିତ ଆଚାର୍ଜ୍ୟ ହରିହର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ଚାଲିଥିବା ସମୟରେ ତାଙ୍କ ପାଇଁ ବିରଳ **AB-ve** ରକ୍ତର ଜରୁରୀ ଆବଶ୍ୟକତା ପଡ଼ିଥିଲା । ରକ୍ତ ଯୋଗାଡ଼ କରିବା ପାଇଁ ପରିବାର ସଦସ୍ୟ ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ (କଟକ ବଡ଼ ମେଡ଼ିକାଲ) ସନ୍ତୋଷ ଦାସ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।

୨. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ହିମାଂଶୁ ଜଣେ ରୋଗୀଙ୍କ ସହିତ

ଜୁନାଗଡର ବାସିନ୍ଦା ୪୫ ବର୍ଷୀୟା ସଚଳା ବାଗ ଆଡେନୋମାଓସିସ ରୋଗରେ ପୀଡ଼ିତ ହୋଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ ନାୟକ ହସ୍ପିଟାଲରେ ତାଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାରେ ସୁବିଧା ଯୋଗାଇ ଦେବା ସହ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ଉତ୍ତମ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେବାରୁ ହିମାଂଶୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା କରାଇବା ପାଇଁ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

ବିଶ୍ୱ ଜଣେ ରୋଗୀଙ୍କ ସହିତ

ବାଲିପୁଟ ଅଞ୍ଚଳର ବାସିନ୍ଦା ୬୦ ବର୍ଷୀୟା ଝୁଲଣ ସ୍ୱାଇଁଙ୍କର ପେଟରେ ଅତ୍ୟନ୍ତ ଯନ୍ତ୍ରଣା ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱ ତାଙ୍କୁ ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ଓ ରୋଗୀଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା । ତାଙ୍କ ପେଟରେ ପଥର ଜମାଟ ବାନ୍ଧିଥିବାର ଜଣା ପଡିଥିଲା ଏବଂ ଅସ୍ତ୍ରୋପଚାର ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

ବିଶ୍ୱ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା କରାଇବା ପାଇଁ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

୩. ଯାତାୟାତର ସହାୟତା

ଜଣେ ରୋଗୀଙ୍କୁ ଭିମସାରରୁ ତାଙ୍କ ଘରକୁ ଯିବାପାଇଁ
ଯାତାୟାତର ସହାୟତ ଯୋଗାଇ ଦିଆଯାଉଛି

ବରଗଡ଼ର ବାସିନ୍ଦା, ୬୦ ବର୍ଷିୟ ଗୋକୁଳ ହରିପାଲ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ସେ ଗୁରୁତର ଆଘାତ ପାଇଥିଲେ ଏବଂ ତାଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା । ତାଙ୍କୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଧ୍ରେନ୍ଦ୍ର ସୁନା ଗୋକୁଳଙ୍କୁ ସମସ୍ତ ଜରୁରୀକାଳୀନ ସହାୟତା ଏବଂ ଆଡମିଶନ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । ସେ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଥିଲେ ଓ ସେ ସୁସ୍ଥ ହେବା ପରେ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ସହାୟତା ମଧ୍ୟ ଯୋଗାଇ ଦେଇଥିଲେ ।



ଜଣେ ରୋଗୀଙ୍କୁ ବାରିପଦା ମେଡ଼ିକାଲରୁ ତାଙ୍କ ଘରକୁ ଯିବାପାଇଁ
ଯାତାୟାତର ସହାୟତ ଯୋଗାଇ ଦିଆଯାଉଛି

ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ୬୦ ବର୍ଷୀୟା ସିଂଗୋ ଚପ୍ରୀୟା ବାରିପଦାସ୍ଥିତ ପଣ୍ଡିତ ରଘୁନାଥମୁର୍ମୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ।

ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଆର୍ଥିକ ଚପରେ ଥିବା ଶୋକସନ୍ତପ୍ତ ପରିବାରବର୍ଗ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଶିଷ ରଣାଙ୍କୁ ଭେଟିଥିଲେ ଓ ପାର୍ଥିବଶରୀରକୁ ତାଙ୍କ ଗ୍ରାମକୁ ଫେରିବା ପାଇଁ ସହାୟତା ଲୋଡିଥିଲେ । ସଙ୍ଗେସଙ୍ଗେ ଆଶିଷ, ପାର୍ଥିବଶରୀର ଗ୍ରାମକୁ ଫେରାଇ ନେବା ପାଇଁ ଯାତାୟାତ ସହାୟତା ଯୋଗାଇ ଦେଇଥିଲେ ।

ହେଲ୍ପଡେସ୍କ ମାଧ୍ୟମରେ ରୋଗୀମାନଙ୍କୁ କରାଯାଇଥିବା ସହାୟତାର ବିବରଣୀ

କ୍ର. ସଂଖ୍ୟା	ହେଲ୍ପଡେସ୍କ ସହଯୋଗୀ	ହସ୍ପିଟାଲ୍	ସହାୟତା କରାଯାଇଥିବା ରୋଗୀଙ୍କ ସଂଖ୍ୟା	ରକ୍ତ ୟୁନିଟ୍ ଯୋଗାଡ଼
୧	ସନ୍ଦୀପ ରଥ	ଏସ୍.ସି.ବି ମେଡ଼ିକାଲ, କଟକ	୫୯	୫୨
୨	ସନ୍ତୋଷ କୁମାର ଦାସ	ଏସ୍.ସି.ବି ମେଡ଼ିକାଲ, କଟକ	୧୨୪	୨୪
୩	ଶିବ ପ୍ରସାଦ ରାଉତ	ସମ୍ ହସ୍ପିଟାଲ ଭୁବନେଶ୍ୱର	୪୫	୧୫
୪	ବିକାଶ କୁମାର ବେହେରା	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର	୪୨	୧୭
୫	ସୋମନାଥ ସ୍ୱାଇଁ	ଏମ୍ସ, ଭୁବନେଶ୍ୱର	୯୪	୩
୬	ରୋଜାଲିନ୍ ପଣ୍ଡା	ଡି.ଏଚ୍.ଏଚ୍, ଭବାନିପାଟଣା	୬୪	୩
୭	ହିମାଂଶୁ ନାୟକ	ଡି.ଏଚ୍.ଏଚ୍, ଭବାନିପାଟଣା	୧୨୨	୬
୮	ବୈକୁଣ୍ଠ ମଣ୍ଡଳ	ଏସ୍ଏଲ୍ଏନ୍ଏମସିଏଚ୍, କୋରାପୁଟ	୭୮	୨
୯	ଗିରିଜା ଶଙ୍କର ଶତପଥୀ	ଏମକେସିଜି, ବ୍ରହ୍ମପୁର	୭୩	୩୧
୧୦	ଧିରେନ୍ଦ୍ର ସୁନା	ଭିମସାର, ବୁର୍ଲା	୯୯	୨୮
୧୧	ଆଶୀଷ କୁମାର ରଣା	ପି.ଆର.ଏମ.ଏମ.ସି.ଏଚ, ବାରିପଦା	୧୧୮	୧୦
୧୨	ବିଶ୍ୱ ଭୂଷଣ ମହାନ୍ତି	ଡି.ଏଚ୍.ଏଚ୍, ପୁରୀ	୮୬	୭
୧୩	ରଶ୍ମୀ ରଂଜନ ବେହେରା	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର	୭୩	୫

ଗିରିଜା ଶଙ୍କର ଶତପଥୀ

ମାର୍ଚ୍ଚ ମାସର ଶ୍ରେଷ୍ଠ କର୍ମଚାରୀ

ଏମ୍.କେ.ସି.ଜି. ମେଡ଼ିକାଲ କଲେଜ ହସ୍ପିଟାଲ, ବ୍ରହ୍ମପୁରରେ ଓଡ଼ିଶା-ମୋ ପରିବାର ଦ୍ୱାରା ଅବସ୍ଥାପିତ ହେଲ୍ପଡେସ୍କର ସହଯୋଗୀ ଗିରିଜା ଶଙ୍କର ଶତପଥୀଙ୍କୁ ତାଙ୍କର ଉତ୍ସର୍ଗୀକୃତ ରୋଗୀସେବା ପାଇଁ ମାର୍ଚ୍ଚ ମାସର ଶ୍ରେଷ୍ଠ କର୍ମଚାରୀ ରୂପେ ବିବେଚନା କରାଯାଇଛି ।

୭୩ ରୋଗୀଙ୍କୁ ସହାୟତା ପ୍ରଦାନ

୩୧ ୟୁନିଟ୍ ରକ୍ତ ଯୋଗାଡ଼

ନୀରବ ନାୟକ

"ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ"

ଉପରୋକ୍ତ ଉକ୍ତିର ଯଥାର୍ଥତା ଓଡ଼ିଶାରେ ଇତିହାସ ରଚିଛି, ଓଡ଼ିଶାର ବୀରପୁତ୍ର ତଥା ସନ୍ଥକବି ଭୀମ ଭୋଇ ଏହି ବାକ୍ୟ ମାଧ୍ୟମରେ ସାରା ଦୁନିଆକୁ ବାର୍ତ୍ତା ଦେଇଥିଲେ । ଏହି ଉକ୍ତିର ଯଥାର୍ଥତା ପୂରଣ କରିବାକୁ ଓ ମାନବିକତାର ପରିଚୟ ଦେବାପାଇଁ ମଧ୍ୟ ଆଜିର ବ୍ୟସ୍ତ ବହୁଳ ସମାଜରେ କୋଚିତ ମଣିଷ ଜାଗ୍ରତ ରହିଛନ୍ତି । ଅନେକ ପରୋପକାରୀ ମଣିଷ ଅସହାୟ ମାନଙ୍କ ବନ୍ଧୁ ହୋଇ ସେମାନଙ୍କ ଦୁଃଖରେ ଭାଗୀଦାର ହେଉଛନ୍ତି ।

ଏହି ପରୋପକାରୀ ମନୁଷ୍ୟମାନଙ୍କ ମଧ୍ୟରୁ ଅଟୋରିକ୍ସା ଚାଳକ ଶ୍ରୀ ପ୍ରଦୀପ କୁମାର ପୃଷ୍ଟି ଆଉ ଜଣେ । ଯିଏ କି ବାଲ୍ୟାବସ୍ଥାରୁ ବୁଝିଛନ୍ତି "ମାନବ ସେବା ହିଁ ମାଧବ ସେବା"। ଏହି ପରିପ୍ରେକ୍ଷୀରେ ସେ ଗତ ୨୦୦୯ ମସିହାରୁ ସମାଜ ସେବା କାର୍ଯ୍ୟରେ ନିୟୋଜିତ କରିଛନ୍ତି ଓ ଅଜଣା ବ୍ୟକ୍ତିମାନଙ୍କର ଶବକୁ ସମ୍ମାନଜନକ ଭାବେ ସତ୍କାର କରିଆସୁଛନ୍ତି ।

ଓଡ଼ିଶାର ରାଜଧାନୀ ଓ ଏହାର ଉପକଣ୍ଠରେ ଥିବା ସମସ୍ତ ରେଳ ଲାଇନ, ରାସ୍ତା ଓ ଝୁଲନ୍ତା ଅଜଣା ମୃତଦେହକୁ ଆଣି ସମ୍ମାନଜନକ ଭାବେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥାନ୍ତି । ୪୦ବର୍ଷିୟ ପୃଷ୍ଟି ସର୍ବଦା ଜାଗ୍ରତ ରହିଥାନ୍ତି ଓ ପୋଲିସ ଅଧିକାରୀମାନେ ଯେଉଁଠି ବି ଅଜଣା ବ୍ୟକ୍ତିର ଶବ ଅନୁସନ୍ଧାନ କରି ପାଇଥା'ନ୍ତି, ଶେଷକୃତ୍ୟ ସମ୍ପନ୍ନ ନିମନ୍ତେ ତାଙ୍କୁ ହିଁ ଜଣାଇଥା'ନ୍ତି ।

ତାଙ୍କ ମୁହଁରୁ ପଦେ: ମୁଁ ଯେତେବେଳେ ସ୍କୁଲରେ ପଢୁଥିଲି, ସବୁବେଳେ ମୋ ସ୍କୁଲ ବିପରୀତ ପାର୍ଶ୍ୱରେ ଥିବା ସରକାରୀ ଡାକ୍ତରଖାନା ଯାଉଥିଲି ଓ ସେଠାରେ ନିଶୁଳ୍କରେ ମିଳୁଥିବା ହଜମକାରୀ ମିଠା ଔଷଧ ମାଗି ଖାଉଥିଲି । ସେତେବେଳେ ସେଠାରେ ପଡି ରହିଥିବା ଶବଗୁଡିକର ପରିବାରସଦସ୍ୟଙ୍କର ଦୁଃଖ ଓ ବେଦନା ଦେଖିବାକୁ ପାଉଥିଲି । ଯେଉଁମାନେ ଆର୍ଥିକ ସମସ୍ୟା ହେତୁ ଶବଦାହ କରିପାରୁନଥିଲେ, ସେହି ଘଟଣା କେଉଁଠି ନା କେଉଁଠି ମୋ ମନରେ ମୋତେ ଲୋକମାନଙ୍କୁ ସାହାଯ୍ୟ କରିବାକୁ ପ୍ରେରଣା ଦେଉଥିଲା । ସେହି ମୁହୂର୍ତ୍ତରେ ଭାବୁଥିଲି ଭବିଷ୍ୟତରେ ମୁଁ ବଡ ହେଲେ ଅଜଣା ମୃତବ୍ୟକ୍ତି ମାନଙ୍କର ଶବ ସତ୍କାର କରିବି ।

ପ୍ରଦୀପ ପୃଷ୍ଟିଙ୍କର ପତ୍ନୀ ମଧୁସ୍ମିତା ମଧ୍ୟ ଦିନେ କୋଲକାତାର ଫୋର୍ଟିସ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରୁଥିଲେ କିନ୍ତୁ ସେ ମହାମାରୀ କରୋନା ଯୋଗୁଁ ଲକଡାଉନ ସମୟରେ ତାଙ୍କ ସ୍ୱାମୀଙ୍କୁ ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତାଙ୍କ ଚାକିରି ଛାଡି ଚାଲି ଆସିଥିଲେ । ପ୍ରାଚୀନ ହିନ୍ଦୁ ପ୍ରଥାକୁ ଖଣ୍ଡନ କରି ତାଙ୍କ ସ୍ୱାମୀଙ୍କ ସହିତ ମିଶି ଆଜି ପର୍ଯ୍ୟନ୍ତ ୧୦୦୦ରୁ ଉର୍ଦ୍ଧ୍ୱ ଜଣା ଓ ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲେଣି ମଧୁସ୍ମିତା ।

ଅଜଣା ବ୍ୟକ୍ତିମାନଙ୍କର ଶବକୁ ସମ୍ମାନଜନକ ଭାବେ ଶେଷକୃତ୍ୟ ସମ୍ପନ୍ନ କରିବା ହେଉଛି ଏହି ସ୍ୱାମୀ ଓ ସ୍ତ୍ରୀ ଦୁହିଁଙ୍କର ଲକ୍ଷ୍ୟ । ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କ ଶବଦାହ କରିବା ପାଇଁ ସାହାଯ୍ୟ ଲୋଡ଼ିଥାନ୍ତି, ଦୁହେଁ ସ୍ୱାମୀ, ସ୍ତ୍ରୀ ମିଶି ତାଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିଥାନ୍ତି ।

ପ୍ରଶାସନ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନେ ସର୍ବଦା ଲୋକମାନଙ୍କୁ ସାହାଯ୍ୟ କରିଆସୁଛନ୍ତି ।

ଏହି ଦମ୍ପତିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଋତୁରାଣୀ ସାଶ୍ମଲ ନାମକ ଜଣେ ଯୁବତୀ ମଧ୍ୟ ଏହି ଉତ୍ତମ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅସହିଷ୍ଣୁ ପାରିବାରିକ ହିଂସା ହେତୁ ଚଳନ୍ତା ଟ୍ରେନରୁ ଡେଇଁପଡି ଆତ୍ମହତ୍ୟା କରିବାକୁ ଯାଉଥିବା ବେଳେ ଋତୁରାଣୀଙ୍କୁ ପ୍ରଦୀପ ପୃଷ୍ଟି ଉଦ୍ଧାର କରିଥିଲେ । ନୂଆ ଜୀବନ ପାଇସାରିବା ପରେ ଏହି ଉତ୍ତମ କାର୍ଯ୍ୟ କରି ସମ୍ମାନ ଓ ଏକ ମହତ୍ୱପୂର୍ଣ୍ଣ ଜୀବନ ବଞ୍ଚିବାକୁ ସ୍ଥିର କରିଥିଲେ ।

ଏହି ଓଡିଆ ଦମ୍ପତିଙ୍କ ସାମାଜିକ କାର୍ଯ୍ୟ ଅନେକ ସଙ୍ଗଠନରେ ପ୍ରଶଂସା ଏବଂ ସମ୍ମାନପତ୍ର ଅର୍ଜ୍ଜନ କରିଛି ।

ଓଡ଼ିଶା-ମୋ ପରିବାର ଦ୍ୱାରା
କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ । ଗତ ମାର୍ଚ୍ଚ ମାସରେ ଓଡ଼ିଶା ମୋ ପରିବାର ୩୨ ଜଣ କର୍କଟ ରୋଗୀଙ୍କୁ ସେମାନଙ୍କର ଚିକିତ୍ସାରେ ସହାୟତା ଯୋଗାଇଛି । ନିମ୍ନରେ କେତେକ କର୍କଟ ରୋଗୀଙ୍କୁ ପ୍ରଦାନ କରାଯାଇଥିବା ସହାୟତା ଦର୍ଶା ଯାଇଛି ।

ସୁଷମା ପଣ୍ଡା

୪୮ ବର୍ଷିୟା ମହିଳା ସୁଷମା ପଣ୍ଡା ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ କୃତ୍ରିମ ସ୍ତନ ଯୋଗାଇ ଦିଆଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ନିୟମିତ ପଚାରି ବୁଝାଯାଉଛି ।

ଗାୟତ୍ରୀ ସଞ୍ଜୟ ସହାଉହାନ

୨୪ ବର୍ଷିୟା ଗାୟତ୍ରୀ ସଞ୍ଜୟ ସହାଉହାନ ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ କେମୋଥେରାପି ନେଉଛନ୍ତି । କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଡାକ୍ତରଙ୍କ ଦ୍ୱିତୀୟ ମତାମତ ନେବା ପାଇଁ ସମସ୍ତ ସୁବିଧା କରାଯାଇଛି ଏବଂ ତାଙ୍କୁ କୃତ୍ରିମ ସ୍ତନ ଯୋଗାଇ ଦିଆଯାଇଛି ।

ଦୀପାଳି ପାଲ

୩୫ ବର୍ଷିୟା ଦୀପାଳି ପାଲ ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ କୃତ୍ରିମ ସ୍ତନ ଯୋଗାଇ ଦିଆଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ନିୟମିତ ପଚାରି ବୁଝାଯାଉଛି ।

ଓଡ଼ିଶା-ମୋ ପରିବାର ସହାୟତାରେ କୃତ୍ରିମ ଅଙ୍ଗ ପ୍ରଦାନ

ପୂର୍ବରୁ

ପରେ

କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିବା ସମ୍ବଲପୁର, ଜୁଜୋମରା ବ୍ଲକ ହାତିବାରି ସେବାଶ୍ରମର ୫ ଜଣ ବାସିନ୍ଦା ୫୦ ବର୍ଷିୟ ଧରଣି ବଘର, ୬୮ ବର୍ଷିୟ ନାରାୟଣ ପ୍ରଧାନ, ୬୫ ବର୍ଷିୟ ଦୂତିଆ ଭୋଇ, ୬୦ ବର୍ଷିୟ ଡମ୍ବରୁଧର ମାଝୀ ଓ ୬୫ ବର୍ଷିୟ ସନ୍ତୋଷ କର୍ନଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାକୁ ଚିହ୍ନଟ କରାଯାଇଥିଲା ।

ସେମାନଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସମ୍ବଲପୁରକୁ ପଠାଯାଇଥିଲା ।

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସମ୍ବଲପୁରର ସିନିୟର ପ୍ରୋଷ୍ଥେଟିଷ୍ଟ/ ଅର୍ଥୋଟିଷ୍ଟ ଡଃ.ଏସ. ଖୁଣ୍ଟିଆଙ୍କ ମାଧ୍ୟମରେ ସେମାନଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା ।

ଏହି ସମସ୍ତ ପ୍ରକ୍ରିୟାକୁ ଓଡ଼ିଶା-ମୋ ପରିବାର ସ୍ୱାସ୍ଥ୍ୟ ଉପଦେଷ୍ଟା ଡଃ. ସତ୍ୟଜିତ ଦାଶ ସଂଯୋଜନା କରିଥିଲେ ।

ପୂର୍ବରୁ

ପରେ

ମୟୂରଭଞ୍ଜ, କୁଳିଆନାର ବାସିନ୍ଦା ୨୨ ବର୍ଷିୟ ରାମଚନ୍ଦ୍ର ବେଶ୍ରା ୨ ବର୍ଷ ପୂର୍ବରୁ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ତାଙ୍କ ଡାହାଣ ପାର୍ଶ୍ୱ ଗୋଡରେ ଗଭୀର ଆଘାତ ଲାଗିଥିଲା । କ୍ରମଶଃ ଘା' ସେପ୍ଟିକ ହୋଇ ସଂକ୍ରମଣ ଆଡକୁ ଗତି କଲା, ଫଳରେ ତାଙ୍କ ଗୋଡ କଟା ହୋଇଥିଲା । ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସଂଯୋଜକ ଆଶିଷ ରଣା ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ପରିଦର୍ଶନ କଲା ବେଳେ ତାଙ୍କୁ ଭେଟି ଥିଲେ ଏବଂ ଡି.ଡି.ଆର.ସି.ରେ କୃତ୍ରିମ ଗୋଡ ପାଇବାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ପୂର୍ବରୁ

ପରେ

ମୟୂରଭଞ୍ଜ, ବଡ଼ସାହି ଅଞ୍ଚଳର ବାସିନ୍ଦା ୫୭ ବର୍ଷିୟ ଗୋବିନ୍ଦ ମହନ୍ତ ବିଗତ ୮ ବର୍ଷ ପୂର୍ବେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ତାଙ୍କ ଡାହାଣ ପାର୍ଶ୍ୱ ଗୋଡରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ତାଙ୍କ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା । ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସେ ତାଙ୍କ ପତ୍ନୀଙ୍କ ସହ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ଯାଇଥିଲେ । ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଶିଷ ରଣା ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ଡି.ଡି.ଆର.ସି. ରେ କୃତ୍ରିମ ଗୋଡ ପାଇବାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ପୂର୍ବରୁ

ପରେ

ଖୋର୍ଦ୍ଧା ଜିଲ୍ଲାର ବାସିନ୍ଦା ୪୭ ବର୍ଷିୟ ଅରୁଣ ବେହେରା ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ତାଙ୍କ ବାମ ଗୋଡରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ଦୁର୍ଘଟଣା ପରେ ତାଙ୍କ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା । ତାଙ୍କୁ ଏକ କୃତ୍ରିମ ଗୋଡ ଯୋଗାଇ ଦେବା ପାଇଁ ସେ ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ ।

ଏ ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ଖୋର୍ଦ୍ଧାସ୍ଥିତ ଡି. ଡି. ଆର. ସି,ରେ ଏକ କୃତ୍ରିମ ଗୋଡ ଯୋଗାଇ ଦେଇଥିଲେ ।

ପୂର୍ବରୁ

ପରେ

ବଲାଙ୍ଗିର, ସିନ୍ଧେକଲା ଅଞ୍ଚଳର ଭିକ୍ଷାବୃତ୍ତି କରି ଜୀବନ ବିତାଉ ଥିବା ୬୦ ବର୍ଷିୟ ଖଗେଶ୍ୱର ବାଗ୍ ଭିକ୍ଷା ମାଗୁଥିବା ବେଳେ ହଠାତ୍ ଚଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ ଓ ତାଙ୍କ ବାମ ଗୋଡ଼ରେ ଗୁରୁତର ଆଘାତ ଲାଗି ଗୋଡ କଟା ହୋଇଯାଇଥିଲା ।

କୃତ୍ରିମ ଗୋଡ ଲଗେଇବା ପାଇଁ ତାଙ୍କୁ ସମ୍ବଲପୁରସ୍ଥିତ ଆର୍.ସି.ଡି.ଆର ରେ କୃତ୍ରିମ ଗୋଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସମ୍ବଲପୁରର ସିନିୟର ପ୍ରୋଷ୍ଥେଟିଷ୍ଟ/ ଅର୍ଥୋଟିଷ୍ଟ ଡଃ. ଏସ. ଖୁଣ୍ଟିଆଙ୍କ ମାଧ୍ୟମରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା ।

ପୂର୍ବରୁ

ପରେ

ମୟୂରଭଞ୍ଜ, କରଞ୍ଜିଆ ଅଞ୍ଚଳର ବାସିନ୍ଦା ୩୪ ବର୍ଷିୟା ମୁକ୍ତିଆରି ବିଶ୍ୱାଳ ୫ ବର୍ଷ ପୂର୍ବେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ତାଙ୍କ ବାମ ଗୋଡରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ଦୁର୍ଘଟଣା ପରେ ତାଙ୍କ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା ।

ତାଙ୍କୁ ଏକ କୃତ୍ରିମ ଗୋଡ ଯୋଗାଇ ଦେବା ପାଇଁ ସେ ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ ଓ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେଠାରେ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଶିଷ ରଣା ତାଙ୍କୁ ଡି.ଡି.ଆର.ସି. ରେ କୃତ୍ରିମ ଗୋଡ ପାଇବାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ପୂର୍ବରୁ

ପରେ

ସମ୍ବଲପୁର, ଜମାଙ୍କିରା ଅଞ୍ଚଳର ବାସିନ୍ଦା ୨୧ ବର୍ଷୀୟ ଅନ୍ତ ସବାର ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ, ତାଙ୍କ ଡାହାଣ ପାର୍ଶ୍ୱ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ଦୁର୍ଘଟଣା ପରେ ତାଙ୍କ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା ।

ତାଙ୍କୁ ଏକ କୃତ୍ରିମ ଗୋଡ ଯୋଗାଇ ଦେବା ପାଇଁ ସେ ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ ଏବଂ ଓଡ଼ିଶା ମୋ ପରିବାର ଏ ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସମ୍ବଲପୁରର ସିନିୟର ପ୍ରୋଷ୍ଥେଟିଷ୍ଟ/ ଅର୍ଥୋଟିଷ୍ଟ ଡଃ.ଏସ ଖୁଣ୍ଟିଆଙ୍କ ମାଧ୍ୟମରେ ତାଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା ।

ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ

ଆପଣମାନଙ୍କର ରକ୍ତ ଦାନ ଭଳି ମହତ ପ୍ରୟାସ ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇଥାଏ ।

ଏହି ଚିନ୍ତାଧାରା ସହିତ ଓଡିଶା-ମୋ ପରିବାର, ସର୍ବଦା ଅଭାବୀ ଓ ଅସହାୟ ଲୋକମାନଙ୍କ ପାଖରେ ଠିଆ ହୋଇଥାଏ ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ 'ଜୀବନବିନ୍ଦୁ' ମାଧ୍ୟମରେ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରିଥାଏ । ଏହି ପଦକ୍ଷେପ ଆଗକୁ ମଧ୍ୟ ଜାରି ରହିବ । ନିକଟରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ପାଇଁ ଦଳର ନେତା ଏବଂ କର୍ମକର୍ତ୍ତାଙ୍କ ବ୍ୟସ୍ତତା ହେତୁ ଏ ମାସରେ କମ୍ ସଂଖ୍ୟକ ରକ୍ତ ସଂଗୃହୀତ ହୋଇଛି । ଗତ ମାର୍ଚ୍ଚ ମାସରେ ସମୁଦାୟ ୩୭୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି ।

ଜିଲ୍ଲା ସ୍ତରରେ ସଂଗ୍ରହ ହୋଇଥିବା ରକ୍ତ ୟୁନିଟ୍





ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ସଂଯୋଜକ

ମାର୍ଚ୍ଚ ୨୦୨୨

ଶ୍ରୀ ସୁବାସ ମହାରଣା
ଗଞ୍ଜାମ - ୪୨୫ ୟୁନିଟ୍

ଶ୍ରୀ ବିମଳ ଦାସ
ଯାଜପୁର - ୩୭୪ ୟୁନିଟ୍

ଶ୍ରୀ ଗୁରୁପ୍ରସାଦ ଜେନା
ନୟାଗଡ଼ - ୨୭୭ ୟୁନିଟ୍

ରକ୍ତପାଇଁ ଡାଏଲ କିମ୍ବା ଟୁଇଟ୍ କରନ୍ତୁ

ରକ୍ତ ଠିକ ସମୟରେ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ପୂରଣ କରିବା ପାଇଁ ଡିଜିଟାଲ ଫୋରମ ବ୍ୟବହାର କରୁଛି । ଗତ ମାର୍ଚ୍ଚ ମାସରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଜରୁରୀକାଳୀନ ପରିସ୍ଥିତିରେ ୧୪୦ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ସେମାନଙ୍କ ମଧ୍ୟରୁ ୩୦ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି ।

କ୍ର.ନଂ	ନାମ	ବୟସ	ଆବଶ୍ୟକ ଥିବା ରକ୍ତ ୟୁନିଟ୍	ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍	ଗ୍ରୁପ୍	ସ୍ୱାସ୍ଥ୍ୟକେନ୍ଦ୍ର
୧	ସନ୍ଦୀପ ପ୍ରଧାନ	୨୩	ରକ୍ତ ୟୁନିଟ୍	2 ଟି ୟୁନିଟ୍ ପ୍ରଦାନ	AB+	ଏମ୍ସ, ଭୁବନେଶ୍ୱର
୨	କନ୍ଦର୍ପ ପଣ୍ଡା	୮୦	3 ୟୁନିଟ୍ ରକ୍ତ	3 ୟୁନିଟ୍ ପ୍ରଦାନ	B-	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର
୩	କନକଲତା ନାୟକ	୬୩	2 ୟୁନିଟ୍ ରକ୍ତ	2 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ
୪	କନ୍ଦର୍ପ ପଣ୍ଡା	୮୦	3 ୟୁନିଟ୍ ରକ୍ତ	3 ୟୁନିଟ୍ ପ୍ରଦାନ	B-	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର
୫	ହିତେଶ୍ୱରୀ ଯାଦବ	୨୫	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଡିଏଚ୍ଏଚ୍, ଭବାନୀପାଟଣା
୬	କଣ୍ଢେଇ ମଲ୍ଲିକ	ଦେଢ଼ ମାସ	1 ୟୁନିଟ୍ ରକ୍ତ	2 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ
୭	ଶାନ୍ତି ମହାପାତ୍ର	୬୦	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	A-	ଏମ୍.କେ.ସି.ଜି, ବ୍ରହ୍ମପୁର
୮	ମମତା ଦାସ	୪୫	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	B-	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର
୯	ପ୍ରିୟାଙ୍କା ସ୍ୱାଇଁ	୨୭	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	A-	ଏସ୍ ସି ବି, କଟକ
୧୦	ମଦନ ମୋହନ ପାତ୍ର	୬୫	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	O-	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର
୧୧	ପ୍ରିୟାଙ୍କା ସ୍ୱାଇଁ	୨୭	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	A-	ଏସ୍ ସି ବି, କଟକ
୧୨	ପ୍ରିୟାଙ୍କା ସ୍ୱାଇଁ	୨୭	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	A-	ଏସ୍ ସି ବି, କଟକ
୧୩	ପ୍ରିୟାଙ୍କା ସ୍ୱାଇଁ	୨୭	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	A-	ଏସ୍ ସି ବି, କଟକ
୧୪	ରମେଶ ମଣ୍ଡଳ	୪୯	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	B-	କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର
୧୫	ସଲିମା ବିବି	୩୮	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	O-	ଏସ୍ ସି ବି, କଟକ
୧୬	ଅମ୍ବିକା କାଉଡ଼ିଆ	୩୫	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	SLNMCH, କୋରାପଟ
୧୭	ଶୃତି ବରିକା	୮	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	B-	ଏସ୍ ସି ବି, କଟକ
୧୮	ରବିନ୍ଦ୍ର ବେହେରା	୪୩	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ
୧୯	ଭୂବନ କୁମାର ଦାସ		1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଆମ୍ରି ହସ୍ପିଟାଲ, ଭୁବନେଶ୍ୱର
୨୦	ରବିନ୍ଦ୍ର ବେହେରା	୪୩	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ
୨୧	ନୃସିଂହ ନାୟକ	୨୭	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ରାଜଧାନୀ, ଭୁବନେଶ୍ୱର
୨୨	କୁକୁମଣୀ ଜେନା	୫୦	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ
୨୩	ଜ୍ଞାନସ୍ମିତା ମହାକୁଡ଼	୧୩	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଏମ୍ସ, ଭୁବନେଶ୍ୱର
୨୪	କର୍ମୀ ସୋରେନ	୩୦	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	PRMMCH, ବାରିପଦା
୨୫	ସିମ୍ରନ ପଟ୍ଟନାୟକ	୨୬	1 ୟୁନିଟ୍ ରକ୍ତ	1 ୟୁନିଟ୍ ପ୍ରଦାନ	AB+	ଏସ୍ ସି ବି, କଟକ

ଜୀବନବିନ୍ଦୁ ରକ୍ତଦାନ ଶିବିର

Balasore

Ganjam


Jajpur

Nayagarh

Khurda

Cuttack

Angul

Sambalpur

ଜୀବନବିନ୍ଦୁ ରକ୍ତଦାନ ଶିବିର

କେନ୍ଦୁଝର

ଭୁବନେଶ୍ୱର

ସୁନ୍ଦରଗଡ଼

ରାଉରକେଲା

ପୁରୀ

ବରଗଡ଼

ନୂଆପଡ଼ା

ସୁବର୍ଣ୍ଣପୁର

ପ୍ରମୁଖ ଖବରକାଗଜରେ ଓଡ଼ିଶା-ମୋ ପରିବାର

ସକାଳ

୨୪ଟି ୟୁନିଟ୍ ରକ୍ତ ସଂଗ୍ରହ

ଭଟଣୀ,୨୬।୩(ସମିସ): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, କ୍ୟାପିଟାଲ୍ ହସ୍ପିଟାଲ୍, ବୁଦ୍ ବ୍ୟାଙ୍କ୍, ଭୁବନେଶ୍ୱର ଏବଂ ଓଡ଼ିଶା-ମୋ ପରିବାର 'ଜୀବନ ବିନ୍ଦୁ'ର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ୨୪ଟି ୟୁନିଟ୍ ରକ୍ତଦାନ କରିଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ୍ ପାରାମେଡିକ୍‌ର ମୁଖ୍ୟ ପ୍ରଫେସର ସୁନୀଲ କୁମାର ଝା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ ଏବଂ ରକ୍ତଦାନର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ସଂଗ୍ରାମ କେଶରୀ ସ୍ୱାଇଁ, ଡିନ୍, ଛାତ୍ର କଲ୍ୟାଣ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକଅଧ୍ୟାପିକାବୃନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

ପ୍ରମେୟ

ବିଜୁ ଜୟନ୍ତୀରେ ଅଙ୍ଗଦାନ ଲାଗି ୫୪୪ଜଣଙ୍କ ସମ୍ମତି

■ ଭୁବନେଶ୍ୱର, ୨୫।୩(ଓକଏ): ଓଡ଼ିଶା-ମୋ ପରିବାରର ବିଭିନ୍ନ ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟକ୍ରମ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଅଙ୍ଗଦାନ କାର୍ଯ୍ୟକ୍ରମ ଉଭି ଏକ ନୂଆ ପର୍ଯ୍ୟାୟ ଯୋଡ଼ିହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ଓଡ଼ିଶା-ମୋ ପରିବାରର ଆହ୍ୱାନରେ ଅଙ୍ଗଦାନ ପାଇଁ ପଞ୍ଜିକରଣ ଶିବିରର ଆୟୋଜନ କରାଯାଇଥିଲା। ଅଙ୍ଗଦାନ ଉଭି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଜୁବାବୁଙ୍କ ଚତୁର୍ଦ୍ଦଶରୀ ମାର୍ଚ୍ଚ ୫ ତାରିଖରୁ ଆରମ୍ଭକିଳ ଭାବେ ଶୁଭାରମ୍ଭ କରାଯାଇଛି।

ଏଥିପାଇଁ ବିଜୁବାବୁଙ୍କ ୧୦୬ତମ ଜନ୍ମ ଜୟନ୍ତୀରେ ଭୁବନେଶ୍ୱରସ୍ଥିତ ଏକାର ୫ ଗୁଣା ଅର୍ଥାତ୍ ୫୩୦ ଜଣଙ୍କ ଅଙ୍ଗଦାନ ପଞ୍ଜୀକରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ଆଜି ଏହି ମହତ୍ ଅଭିଯାନରେ ଓଡ଼ିଶାର ବିଭିନ୍ନ ସ୍ତରର ସାଧାରଣ ନାଗରିକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହେଉଛନ୍ତି ଏବଂ ଅଙ୍ଗଦାନ ପାଇଁ ପଞ୍ଜିକରଣ କରିଛନ୍ତି।

ରାଜ୍ୟସରକାର ସଂସଦୀୟ ସଚିବ କୁମାର ଉତ୍କଳଆଦାନ ପାଇଁ ପଞ୍ଜିକରଣ କରିବେ। ଅଙ୍ଗଦାନ ପାଇଁ ପଞ୍ଜିକରଣ ଶିବିରରେ ବିଭିନ୍ନ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଜିନ୍ସ ଜିନ୍ସ ଛେତ୍ର ଯଥା ଉଦ୍ୟୋଗ, ବ୍ୟାଙ୍କ, ବୀମା, ପୁରୁଣା ଏବଂ ସାଧାରଣ ନାଗରିକମାନେ ନିଜକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ କରି ଅଙ୍ଗଦାନ କରିଛନ୍ତି।

ଓଡ଼ିଶା-ମୋ ପରିବାରର ଅଭିଯାନ

